## ‘ପ୍ରତ୍ୟେକ ଶିଶୁ ଆମ ପାଇଁ ମୂଲ୍ୟବାନ’ କାର୍ଯ୍ୟକ୍ରମ



ବୈପାରୀଗୁଡ଼ା, ୯।୧୨ (ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର କନ୍‌ଫରେନ୍ସ ହଲରେ ‘ପ୍ରତ୍ୟେକ ଶିଶୁ ଆମ ପାଇଁ ମୂଲ୍ୟବାନ’ ଶୀର୍ଷକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ପ୍ରତି ବ୍ଲକରେ ଡିପିଆରସି ତରଫରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବେଳେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ମଧ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭଗ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଶିକ୍ଷା ବିଭାଗର, ଜେନ୍ଦର ସିଆରପି, ଶିଶୁ ସୁରକ୍ଷା କମିଟି, ସମସ୍ତ ଜିପିଏଲଏଫ ସଭାପତି ପ୍ରମୁଖ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶିଶୁର ଯତ୍ନ ଓ ସୁରକ୍ଷାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ପ୍ରଶିକ୍ଷକ ଭାବେ ଜିତେନ୍ଦ୍ର କୁମାର ମିଶ୍ର, ପ୍ରଭାତ କୁମାର ନିହାଣ ପ୍ରଶିକ୍ଷଣ ପ୍ରଶିକ୍ଷଣ ଦେଇଥିବା ବେଳେ ସ୍ଥାନୀୟ ବ୍ଲକ ଅଧକ୍ଷା ପ୍ରଶାନ୍ତ କୁମାର ଗୁପ୍ତା, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଏବଂ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପେସା ସଂଯୋଜକ ଦିନେଶ କୁମାର ପଣ୍ଡା ପରିଚାଳନା କରିଥିଲେ।

## କିଡ୍ସ ଗୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ଗୁଣୁପୁର, ୯।୧୨(ସମିସ): ଗୁଣୁପୁର ରାମେଶ୍ୱର ନଗର ସ୍ଥିତ “ କିଡ୍ସ ଗୀ ଇଂରାଜୀ ମାଧ୍ୟମ ପବ୍ଲିକ ସ୍କୁଲ”ର ୧୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା୨୦୨୫ ବିକ୍ରମ ପୁର ଫୋରେଷ୍ଟ ଅଫିସ ସାମ୍‌ନାରେ ଥିବା ବିଦ୍ୟାଳୟର “କିଡ୍ସ ପାରାଡାଇଜ” ଖେଳ ପଡିଆ ଠାରେ ଆରମ୍ଭ ହୋଇଛି। ଉଦ‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସ୍ଥାନୀୟ ଥାୟରମା ଉମେନ୍ସ କଲେଜର ଅଧକ୍ଷା ମିସ ସସ୍ମିତା ବାଉରୀ, ଜଗନ୍ନାଥପୁର ହାଇସ୍କୁଲର କ୍ରୀଡା ଶିକ୍ଷକ ଚିରଞ୍ଜିବି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ଶତପଥି, ମୁରଲୀଧର ପଣ୍ଡା, ଓ ବିଦ୍ୟାଳୟ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ମଶାଲ ଶୋଭାଯାତ୍ରା ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ମଶାଲଟିକୁ ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର ଶତପଥି ଗ୍ରହଣ କରିଥିଲେ। ଆଜି ଆୟୋଜିତ ପ୍ରଥମ ମ୍ୟାଚରେ କ୍ୟାପଟେନ ପ୍ରଜ୍ଞାନଙ୍କ ନେତୃତ୍ୱାଧୀନ ରୟାଲ କିଡ୍ସ ଟିମକୁ ପରାସ୍ତ କରି କ୍ୟାପଟେନ ନରେଶଙ୍କ ନେତୃତ୍ୱାଧୀନ ସ୍ମାର୍ଟ କିଡ୍ସ ଟିମ ବିଜୟ ହାସଲ କରି ଗ୍ରୁପଏ ରେ ଦୁଇ ଅଙ୍କ ସହ ନିଜ ସ୍ଥାନ ସୁନିଶ୍ଚିତ କରିଛି। ବାର୍ଷିକ କ୍ରୀଡା ଉତ୍ସବ ପାଞ୍ଚ ଦିନ ଧରି ଚାଲିବ।

### ଅତ୍ୟଧିକ ଫି’ ଆଦାୟକୁ ବିରୋଧ

# ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଛାତ୍ରଛାତ୍ରୀ

ରାମନାଗୁଡ଼ା, ୯।୧୨(ସମିସ):




ବିଦ୍ୟାଳୟ କର୍ତ୍ତୃପକ୍ଷ ମନଇଛା ଫି’ ଆଦାୟ କରୁଥିବା ଅଭିଯୋଗ କରି ବିଦ୍ୟାଳୟ ସମ୍ମୁଖ ଫାଟକରେ ଆଜ ଧାରଣା ଦେଲେ ଯୁକ୍ତ ୨ କଳା ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ । ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ , ରାମନାଗୁଡା ବ୍ଲକ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର କର୍ତ୍ତୃପକ୍ଷ ଯୁକ୍ତ ୨ କଳା ବିଭାଗରେ ନାମଲେଖା , ରି -ଆଡିମିସନ ଓ ଫର୍ମ ପୂରଣ ସମୟରେ ସରକାରଙ୍କ ନିର୍ଦ୍ଧାରିତ ଫି’ଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ କରି ଆଜି ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏ ନେଇ ଛାତ୍ର ଛାତ୍ରୀ ମାନେ ସ୍ଥାନୀୟ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅଭିଯୋଗ ଅନୁସାରେ ଅଧକ୍ଷ ଗୌରୀ ପ୍ରସାଦ ପଣ୍ଡା ଅଧିକାଂଶ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କାରଣରୁ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ଅସୁବିଧାକୁ ବୁଝନ୍ତି ନାହିଁ। ଏହି ସମସ୍ତ ବିଷୟରେ ଅଧକ୍ଷ ଶ୍ରୀ ପଣ୍ଡା ଏବଂ ସହକାରୀ ଶିକ୍ଷୟିତ୍ରୀ ସ୍ମିତାରାଣୀ ତୁଳଙ୍କୁ ପଚାରିଲେ ପରୀକ୍ଷାରେ ଫେଲ କରିଦେବୁ ବୋଲି ଧମକ ଦେଉଥିବା ଛାତ୍ର ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଉଭୟ ଅଧକ୍ଷ, ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ବିଦ୍ୟାଳୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଛାତ୍ର ଛାତ୍ରୀମାନେ ପ୍ରକାଶ କରିଛନ୍ତି। ଯୁକ୍ତ ଦୁଇ ଛାତ୍ର ଛାତ୍ରୀଙ୍କ ଏହି ଆନ୍ଦୋଳନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥନ କରି ସାମିଲ ହେବ ବୋଲି ଜଣାପଡିଛି। ଏହି ତମାମ ଘଟଣା ସମ୍ପର୍କରେ ଅନୁଷ୍ଠା ର ଅଧକ୍ଷ ଗୌରୀ ପ୍ରସାଦ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଘଟଣା ଉପରେ ନଜର ରଖିଛନ୍ତି ଆଉ ଛାତ୍ରଛାତ୍ରୀ ମାନେ ଯେଉଁ ଅଭିଯୋଗ ଆଣିଛନ୍ତି ଏକ ଭିତ୍ତିହୀନ ଭ୍ରାନ୍ତ ଧାରଣାକୁ ନେଇ ଅଡ଼ି ବସିଥିବା କହିଛନ୍ତି।

### ● ଟ୍ରଲର ଧକ୍କାରେ ବାଇକ୍ ଚାଳକ ମୃତ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଟିକିରି, ୯।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ କାଳିଆପଡା ସ୍ଥିତ କାଡସିଲ ଘାଟିରେ ମଙ୍ଗଳବାର ସକାଳେ ଏକ ଟ୍ରଲର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କାଶିପୁର ବ୍ଲକ ଶଙ୍କରଡା ଗ୍ରାମପଞ୍ଚାୟତ ଏସ.ଡଙ୍ଗାସିଲ ଗ୍ରାମର ୨୨ବର୍ଷିୟ ପ୍ରଶାନ୍ତ ମାଝି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଟିକିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକ ପ୍ରଶାନ୍ତକୁ ଉଦ୍ଧାର କରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ ସଡ଼କ ଦୁର୍ଘଟଣାରେ ପ୍ରଶାନ୍ତଙ୍କ ମୃତ୍ୟୁ ଖବର ପାଇ ଘଟଣାସ୍ଥଳରେ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବି କରି ସକାଳ ୯ଟାରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଅନେକ ଯାନବାହନ ଅଟକି ରହିଥିଲା ଓ ଟ୍ରାଫିକ୍ ସମସ୍ୟା ଉପୁଜୁଥିଲା। ଲୋକଙ୍କ ଚାପା ଉତ୍ତେଜନାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ରାୟଗଡା ଉପଖଣ୍ଡ ପୋଲିସ ଅଧିକାରୀ ଗୌରହରୀ ସାହୁ, ଟିକିରି ଥାନା ଆରକ୍ଷୀ ନିରୀକ୍ଷକ ବିଶ୍ୱବନ୍ଦନୀ ବାଗ,ଦୋରାଗୁଡା ଥାନା ଅଧିକାରୀ କିରଣବାଳା ସାମଲା,କାଶିପୁର ଥାନା ଅଧିକାରୀ ଦେବଦତ ମଲ୍ଲିକ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ କାଶିପୁର ବ୍ଲକ୍ ଭାରପ୍ରାପ୍ତ ବିଡିଓ ସୁଜିତ ମିଶ୍ର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ରେଡକ୍ରସ ପାଣ୍ଠିରୁ ଅନ୍ତିମ ସଂସ୍କାର ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରିବା ପରେ ଅପରାହ୍ନ ୪ଟା ସମୟରେ ରାସ୍ତା ଅବରୋଧ ହଟିଥିଲା। ତେବେ ଏହି ସମୟ ମଧ୍ୟରେ ପୋଲିସ ଓ ଉତ୍ୟକ୍ତ ଲୋକଙ୍କ ମଧ୍ୟରେ କଥା କଟାକଟି ଭଳି ପରିସ୍ଥିତି ଉପୁଜିଥିଲା ଏବଂ ପୋଲିସ ଗାଡିକୁ ଲୋକେ ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ ବୋଲି ଶୁଣିବାକୁ ମିଳିଥିଲା। ପ୍ରକାଶ ଥାଉ କି,ମୃତ ଯୁବକ ପ୍ରଶାନ୍ତ ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବାରୁ ସେ ଆଜି ସକାଳେ ନିଜ ବାଇକ ଯୋଗେ ଟିକିରିକୁ ଯାଉଥିବା ସମୟରେ କାଡସିଲ ଘାଟିରେ ବିପରୀତ ଦିଗରୁ ଆସୁଥିବା ଟ୍ରଲରଟି ଧକ୍କା ଦେଇଥିଲା। ଫଳରେ ବାଇକ ସହ ପ୍ରଶାନ୍ତ ଟ୍ରଲର ଚକା ତଳେ ଚାପି ହୋଇ ଯାଇଥିଲେ।

## ଗଞ୍ଜେଇ ଜବତ ୨ ଗିରଫ

ରାୟଗଡ଼ା, ୯।୧୨(ସମିସ): ରାୟଗଡ଼ାରୁ ଟ୍ରେନ୍ ଯୋଗେ ବିଜୟନଗରମକୁ ୬କେଜି ୧୪୦ ଗ୍ରାମର ଗଞ୍ଜେଇ ଚୋରା ଚାଲାଣ ପାଇଁ ଉଦ୍ୟମ ବ୍ୟର୍ଥ ହୋଇଛି। ଜିଆରପି ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ହାତରେ ଧରାପଡିଛନ୍ତି ୨ଜଣ ତାମିଲନାଡୁର ଯୁବକ । ଗିରଫ ଅଭିଯୁକ୍ତ ହେଲେ ତାମିଲନାଡୁର ରାମନାଥପୁରମ ଜିଲ୍ଲାର ଅନନ୍ତ ସୁବାଷ ଚନ୍ଦ୍ର ବୋଷ ଓ ନିଶାନ୍ତ। ଏ ନେଇ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଉଭୟ ତାମିଲନାଡୁର ଯୁବକ ରାୟଗଡା ଜିଲ୍ଲା ମୁନିଗୁଡା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ରାୟଗଡ଼ା ଆସି ରେଳ ଷ୍ଟେସନ ପ୍ଲାଟଫର୍ମ-୨ରେ ବିଜୟନଗରମକୁ ଯିବା ପାଇଁ ଟେନ୍‌କୁ ଅପେକ୍ଷା କରୁଥିଲେ। ଡିଏସପିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଟିମ୍ ନିୟମିତ ପେଟ୍ରୋଲିଂ ଯାଞ୍ଚ କରୁଥିବା ସମୟରେ ଯୁବକ ଦୁଇଜଣଙ୍କୁ ସନ୍ଦେହ କରି ତାଙ୍କ ପାଖରେ ଥିବା ବ୍ୟାଗକୁ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ପ୍ୟାକେଟ ମିଳିଥିଲା। ଜବତ ଗଞ୍ଜେଇର ଓଜନ ୬କେଜି ୧୪୦ଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୬୧ ହଜାର ଟଙ୍କା ହେବ ବୋଲି ଡିଏସପି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଯାଞ୍ଚ ବେଳେ ଜିଆରପି ଥାନା ଅଧିକାରୀ ବିନୟ ପ୍ରକାଶ ମିଞ୍ଜ, ଇନ୍ସପେକ୍ଟର ଅଲୋକ ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ, ସୁବେନ୍ଦୁ ପଣ୍ଡା , ସନ୍ତୋଷ ପରିଡ଼ା , କନେଷ୍ଟବଳ ଧନୁଜ ଚନ୍ଦ୍ର ବୈଦ୍ୟଭୂଷଣ ପ୍ରମୁଖ ସାମିଲ ଥିଲେ।



## ଡ୍ରାଇଭରଙ୍କ ଆକସ୍ମିକ ମୃତ୍ୟୁ

ପଦ୍ମପୁର, ୯।୧୨(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ପାଖ ଗୁଡିଆବନ୍ଧରୁ ରାଉଗ୍ରାମକୁ ଯିବା ରାସ୍ତାରେ ଖାଲି ସିଲିଣ୍ଡରକୁ ଦଉଡି ରେ ବାନ୍ଧୁଥିବା ସମୟରେ ହଠାତ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଆଜି ଅପରାହ୍ଣ ୫ଘଟିକା ସମୟରେ। ଲୋକେ ଡ୍ରାଇଭରଙ୍କୁ ପଦ୍ମପୁର ମେଡିକାଲକୁ ଆଣିଥିଲେ ମଧ ବହୁ ଆଗରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ପଦ୍ମପୁର ଡାକ୍ତର ସିଦ୍ଧାର୍ଥ ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ ବରଗଡ଼ ଜିଲ୍ଲାରୁ ଏକ ଗ୍ୟାସ୍ ସିଲିଣ୍ଡର୍ ବୋଝେଇ ଟ୍ରକ ନେଇ ଆଜି ପଦ୍ମପୁର ଗୁଡିଆବନ୍ଧରୁ ରାଉଗ୍ରାମ ଯିବା ରାସ୍ତାରେ ଥିବା ଏକ ଭାରତ ଗ୍ୟାସ୍ ସିଲିଣ୍ଡର୍ ଗୋଦାମରେ ଗ୍ୟାସ୍ ସିଲିଣ୍ଡର୍ ଗୁଡିକ ଅନ୍‌ଲୋଡ୍ କରି ଖାଲି ସିଲିଣ୍ଡର୍ ଗୁଡ଼ିକୁ ଗାଡ଼ିରେ ଦଉଡ଼ି ସାହାଯ୍ୟରେ ବନ୍ଧୁଥିବା ବେଳେ ହଠାତ୍ ଗୋଡହାତ ଥରିବା ସହ ତଳେ ମାଟିରେ ପଡିଯାଇଥିଲେ। ମୃତ ଡାଇଭରଙ୍କ ନାମ ବିଜୟ କୁମାର ବେହେରା ( ୫୫ବର୍ଷ) ବୋଲି ଜଣାପଡିଛି। ତାଙ୍କ ଘର ଅନୁଗୋଳ ଜିଲ୍ଲାର ଲକ୍ଷ୍ମୀଧରିପୁର ଓ ଥାନା ଜରପଡା ବୋଲି ଜଣାପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ପରିବାର ଲୋକେ ପହଞ୍ଚି ନାହାନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଛେଦ ପରେ ଜଣାପଡ଼ିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ପଦ୍ମପୁର ପୁଲିସ ଏହାର ତଦନ୍ତ କରୁଛନ୍ତି।

## ହକି ଓ ଫୁଟବଲ୍ ପ୍ରତିଯୋଗିତା



ରାୟଗଡ, ୯।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ରାୟଗଡା ତରଫରୁ ବିଜୁ କନ୍ୟା ରତ୍ନ ଯୋଜନାରେ ‘ବେଟି ବଚାଓ, ବେଟି ପଢ଼ାଓ’ ଅଭିଯାନ ଅଧୀନରେ ଝିଅମାନଙ୍କ ସଶକ୍ତିକରଣ ପାଇଁ ହକି ଓ ଫୁଟବଲ୍ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଗଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବୀନ ଚନ୍ଦ୍ର ନାୟକ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିଲେ। ଏଥିସହିତ ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝି, ଜିଲ୍ଲା କ୍ରୀଡା ଅଧିକାରୀ ସେଖ ଆଲିମନ୍, ଡିସିପିଓ ମହାଦେବ ଚିତୁଆନ ଏବଂ ଡ଼ିଆଇପି ହରିହର ପତ୍ର ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଡିସିପିଉ ସହକର୍ମୀ ଓ ଚାଇଲ୍ଡ ହେଲ୍ପଲାଇନ୍ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଫୁଟବଲ୍ ପ୍ରତିଯୋଗିତାରେ ବିଜେତା ପିଏମସି ଜଗଦମ୍ବା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ କୋଲନରା ରନର ଅପ୍ ଭାବେ ସେବା ସମାଜ ଶିଶୁ ଯତ୍ନ କେନ୍ଦ୍ର ହୋଇଥିଲା । ସେହିପରି ହକି ପ୍ରତିଯୋଗିତାରେ ବିଜେତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡା ପ୍ରଥମ ହୋଇଥିବା ବେଳେ ପିଏମସି ଜଗଦମ୍ବା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ କୋଲନରା ରନର୍ସ ଅପ୍ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ମନୋରଞ୍ଜନ ବାଘ ଧନ୍ୟବାଦ ଜଣାଇ ପ୍ରଦାନ କଲେ।

## ମହିଳା ହିଂସାକୁ ନେଇ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର, ୯।୧୨(ସମିସ): ମହିଳା ହିଂସାକୁ ନେଇ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦଯାପନୀ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ ଯୋଗ ଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ ,ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜବାହାଲାଲ ଚୌଧୁରୀ, ଗୁଣପୁର ଆଦର୍ଶ ଥାନା ଅଧିକାରୀ ହେମା ଶବର, ଶିଶୁ ବିକାଶ ଅଧିକାରୀ ସୁଷମା ପ୍ରସାଦ, ସାମାଜିକ କର୍ମୀ ପିଙ୍କି ମହାପାତ୍ର, କଲେଜର ଅଧକ୍ଷ୍ୟ ଲକ୍ଷ୍ମୀ ମହାଙ୍କୁଡ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶ ଦାତ୍ରୀ ଜୟଶ୍ରୀ ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ପରମାନନ୍ଦ ବେବର୍ତ୍ତା ଯୋଗ ଦେଇଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟରେ ମହିଳା ହିଂସା, କିନ୍ନରଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଏବଂ ଆଇନ, ମାନବାଧିକାରକୁ ନେଇ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିଲେ।




## ଅଟୋ ଧକ୍କାରେ ବାଇକ୍ ଚାଳକ ମୃତ

କଲ୍ୟାଣସିଂହପୁର, ୯।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମକୁ ଆସୁଥିବା ଅଟୋକୁ ଧକ୍କା ଦେଇ ବାଇକ ଚାଳକ ଜଗନ୍ନାଥ କାଶୀ (୧୭)ଙ୍କ ମୃତ୍ୟୁ ଘଟିଛି। ଆଜି ଲକ୍ଷ୍ମୀପୁର ଗ୍ରାମର ଜଗନ୍ନାଥ କାଶୀ, ଅନନ୍ତ ମିଣିଆକା ଓ ଦେବରାଜ ପ୍ରାସ୍କା ମିଶି ଏକ ବାଇକ୍‌ରେ ବୁଲିବା ପାଇଁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋକୁ ଆରଗାଣ୍ଡା ଗ୍ରାମ ନିକଟ ବୁଲାଣି ଠାରେ ଧକ୍କା ଦେଇ ଫିଙ୍ଗି ହୋଇଥିଲେ। କିନ୍ତୁ ଅଟୋରେ ବସିଥିବା ଲୋକଙ୍କର କୌଣସି କ୍ଷତି ହୋଇନାହିଁ। ବାଇକ୍‌ରେ ଥିବା ତିନିଜଣ ଘଟଣା ସ୍ଥଳରେ ପଡି ଛଟପଟ ହେଉଥିଲେ। ଉକ୍ତ ଗ୍ରାମର ଲୋକମାନେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଉଦ୍ଧାର କରି ଏକ ଅଟୋରେ କଲ୍ୟାଣ ସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡା. ପ୍ରମୋଦ କୁମାର ମିଶ୍ର ପ୍ରାଥମିକ ଚିକିତ୍ସା କରିଥିଲେ। ଜଗନ୍ନାଥ କାଶୀଙ୍କ ଗୋଡ ଭାଙ୍ଗିବା ସହ କାନ ରୁ ରକ୍ତସ୍ରାବ ହେଉଥିବାର ରାୟଗଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିଥିଲେ। ରୋଗୀବାହା ଗାଡି ଆସିବା ବିଳମ୍ବ ହେବାରୁ ଗୁରୁତର ଥିବା ଜଗନ୍ନାଥ କାଶୀ (୧୭)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ପୁଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରି ଘଟଣାର ଅନୁଧ୍ୟାନ କରିଥିଲେ। ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଘଟଣାର ଅନୁଧ୍ୟାନ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ।

### ବ୍ଲକସ୍ତରୀୟ ‘ଚଇତି’ ଉଦ୍‌ଯାପିତ

# ଲୋକ ନୃତ୍ୟରେ ଦୁଲୁକିଲା ମଞ୍ଚ




ରାମନାଗୁଡ଼ା, ୯।୧୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ୍ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମରେ ଜିଲ୍ଲାର ଲୋକ ମହୋତ୍ସବ “ଚଇତି-୨୦୨୫” ଧୁମଧାମରେ ପାଳିତ ହୋଇଯାଇଛି। ରବିବାର ସକାଳେ ଶୁଣ୍ଡିଧାମୁଣି ପଞ୍ଚାୟତ ଅନ୍ତର୍ଗତ ପାଲୁପାଇର ଦେବ ଦେବ ମହାଦେବଙ୍କୁ ସ୍ପର୍ଶ କରି ବହି ଯାଉଥିବା ନଈରେ ପୂଜାର୍ଚ୍ଚନା କରି କଳସ ଅଣାଯାଇଥିଲା। ପରେ ରାମନାଗୁଡା ଗଣପତି ଗୁଡ଼ା ସ୍ଥିତ ମା’ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସ ଶୋଭାଯାତ୍ରାରେ ୧୨ ପଞ୍ଚାୟତରୁ ଯୋଗ ଦେଇଥିବା ସାଂସ୍କୃତିକ ଦଳ ସହ ବ୍ଲକସ୍ତରର ସମସ୍ତ କର୍ମଚାରୀ ସାମିଲ ହୋଇଥିବା ବେଳେ ବିରାଟ ପଟୁଆରରେ ପାରମ୍ପରିକ ବାଦ୍ୟଯନ୍ତ୍ର ମାଧ୍ୟମରେ ଶୋଭାଯାତ୍ରା ସହର ପରିକ୍ରମା କରି ଚଇତି ମଣ୍ଡପରେ ପହଞ୍ଚିଥିଲା। ମଣ୍ଡପରେ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ଅତିଥିମାନେ ବିଭିନ୍ନ ବିଭାଗ ଦ୍ୱାରା ଖୋଲାଯାଇଥିବା ଷ୍ଟଲ୍‌କୁ ଉଦ୍ ଘାଟନ କରିବା ସହ ବୁଲି ଦେଖିଥିଲେ। ଚଇତିମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ସମ୍ମାନିତ ଅତିଥି ରୂପେ ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଦ୍ୱିତୀୟ ଆଇ ଆର ବି ଭମିନି କମାଣ୍ଡଣ୍ଟ ବ୍ରଜମୋହନ ନାୟକ, ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଉପାଧକ୍ଷ ଜାନକୀ ନିମାଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷଙ୍କୁ ମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩ ମସିହା ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ବୁଥି ପଞ୍ଚାୟତର ହିମାଳୟ ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଇତି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କିସମର ଚାରା ଗୁଡିକ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଳାହାଣ୍ଡି ରୁ ଆସିଥିବା ଘୁମୁରା ନୃତ୍ୟ ଦର୍ଶକଙ୍କ ମନ ବିଭୋର କରିଥିଲା। ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ,ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ। ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରାଙ୍କ ସହ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବିଦିଶା ଶତପଥୀ, ଅଶ୍ୱନୀ ତ୍ରିପାଠୀ ଓ ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ‘ଚଇତି’ ମହୋତ୍ସବ

କଲ୍ୟାଣସିଂହପୁର, ୯।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦର ବଡ଼ଦାଣ୍ଡ ରଥ ପଡିଆ ଠାରେ ବ୍ଲକ୍‌ସ୍ତରୀୟ ଚଇତି ୨୦୨୫ ପାଳନ ହୋଇ ଯାଇଛି। ଚଇତି ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟଅତିଥି ଜିଲ୍ଲାପରିଷଦ ସଭାପତି ସରସ୍ୱତୀ ମାଝୀ ଯୋଗଦେଇ ଚଇତି ଷ୍ଟଲ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ମନୀଷା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଆଦିବାସୀ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳିରାମ ମାଝୀ, କଲ୍ୟାଣସିଂହପୁର ବ୍ଲକ୍ (କ) ଜୋନ୍ ଜିଲ୍ଲା ପରିଷଦ ଭି ୱାରା ପ୍ରସାଦ ରାଓ, ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା, କନ୍ଧ କୁଳ ସମାଜ ବ୍ଲକ ସଭାପତି ଯୋଗେନ୍ଦ୍ର ୱାଡକା, ଉପ ସଭାପତି ଶଙ୍କର ହୁଇକା, ଡମ ସମାଜ ବ୍ଲକ ସଭାପତି ଜାଗାମ ବେନିଆ, ବିଜେପି ବ୍ଲକ ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, କଂଗ୍ରେସ ବ୍ଲକ ସଭାପତି ସି ଏଚ ନାଗେଶ୍ୱର ରାଓ, ଡ୍ରାଇଭର ସଙ୍ଘର ସଭାପତି ଗୋଜେନ୍ଦ୍ର ଗରଡ଼ିଆ, ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଚ୍ଛା, କଲ୍ୟାଣସିଂହପୁର ତହସିଲଦାର ରଞ୍ଜନ କୁମାର ମାନ ସେଟ ଓ ସମିତି ସଭ୍ୟା ପ୍ରମୁଖ ମଞ୍ଚାସିନ ରହିଥିଲେ। କଲ୍ୟାଣୀ ଓ ନାଗାବଳୀ ନଦୀ ସଙ୍ଗମ ସ୍ଥଳ ଶିବ ମନ୍ଦିର ଠାରୁ କଳସରେ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା କରି ଚଇତି ମଣ୍ଡପ ରେ ପହଞ୍ଚି ଥିଲା। ଚଇତି ମଣ୍ଡପରେ ଅବ୍ୟବସ୍ଥାକୁ ଦୂରାନ୍ତରୁ ଆସିଥିବା ମହିଳା ପୁରୁଷ ବସିବାକୁ ଜାଗା ନ ପାଇ କିଛି ସମୟ ଠିଆହୋଇ ଚାଲି ଯାଇଥିଲେ। ଗାଁ ଗହଳିରେ ଲୁକାୟିତ୍ୱ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ସରକାରୀ ଓ ପ୍ରଶାସନର ଅଭିନବ ପ୍ରୟାସ ଦ୍ୱାରା କରାଯାଇଛି। ଏହି ଚଇତି କାର୍ଯ୍ୟକ୍ରମକୁ ରାୟଗଡା ତାଡମା ବିଦ୍ୟାଳୟର ଶିକ୍ଷକ ଶ୍ରୀଧର ପଟ୍ଟନାୟକ ପରିଚାଳନା କରିଥିଲେ। ସଂସ୍କୃତିକ କାର୍ଯ୍ୟକୁ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ ଏବଂ ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ବାଣ ଫୁଟାଇ କାର୍ଯ୍ୟକ୍ରମକୁ ଶେଷ କରିଥିଲେ। ଏଥିରେ ବିଭିନ୍ନ ବିଭାଗରୁ ୮ ଟି ଷ୍ଟଲ୍ କରାଯାଇଥିଲା।



